## ସଂକ୍ଷେପରେ

### ସାପ କାମୁଡ଼ାରେ ନାବାଳିକା ମୃତ

**କାମାକ୍ଷାନଗର, ୨୫।୬(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଆଖୁଆପାଳ ଗ୍ରାମର ଜଣେ ନାବାଳିକାଙ୍କ ଶନିବାର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସେ ହେଲେ ଭବାନୀ ପ୍ରଧାନ (୧୨)। ଅପରାହ୍ନରେ ଭବାନୀଙ୍କୁ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ଏ ସମ୍ପର୍କରେ ଜାଣିବା ପରେ ପରିବାର ଲୋକେ ତାଙ୍କୁ ପ୍ରଥମେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତେବେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କାମାକ୍ଷାନଗର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

### ଢେଙ୍କାନାଳରୁ ଚୋରି ପିକ୍‌ଅପ୍ ଭ୍ୟାନ୍ ଛତିଆରୁ ଜବତ




**ଢେଙ୍କାନାଳ ଅଫିସ୍, ୨୫।୬:** ଢେଙ୍କାନାଳ ସହର ଲକ୍ଷ୍ମୀବଜାର ଅଞ୍ଚଳରୁ ଚୋରି ହୋଇଥିବା ଏକ ପିକ୍‌ଅପ୍ ଭ୍ୟାନ୍ (ନଂ. ଓଡ଼ି ୦୫ ଏମ୍ ୩୫୧୭)କୁ ଟାଉନ୍ ଥାନା ପୋଲିସ ଛତିଆ-ବୈରୀ ରାସ୍ତାରୁ ଶନିବାର ଜବତ କରିଛି। ଦୁର୍ବୃତ୍ତମାନେ କୌଶଳକ୍ରମେ ଗାଡ଼ିକୁ ଚୋରି କରି ନେଇ ଚମ୍ପଟ ମାରିଥିଲେ। ତେବେ ଧରାପଡ଼ିବା ଭୟରେ ଛତିଆ ଥାନା ଅଞ୍ଚଳରେ ଛାଡ଼ି ପଳାଇଥିଲେ। କୌଣସି ସୂତ୍ରରୁ ସୂଚନା ପାଇ ଟାଉନ ଥାନା ପୋଲିସ ପହଞ୍ଚି ପିକ୍‌ଅପ୍ ଭ୍ୟାନ୍‌କୁ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନେ ଫେରାର ଅଛନ୍ତି। ସେମାନଙ୍କୁ ଧରିବାକୁ ଉଦ୍ୟମ ଚାଲିଥିବା ଟାଉନ୍ ଥାନାଧିକାରୀ ରାଜେନ୍ଦ୍ର ମହାପାତ୍ରଙ୍କ ସୂଚନା ଦେଇଛନ୍ତି।

### ଋଣ ପ୍ରଦାନ ନାମରେ ଠକେଇ, ଯୁବକ ଗିରଫ

**ଢେଙ୍କାନାଳ ଅଫିସ୍, ୨୫।୬:** ଅର୍ଥ ଲଗାଣକାରୀ ସଂସ୍ଥା ଖୋଲି ବ୍ୟାଙ୍କରୁ ସୁବିଧାରେ ଋଣ କରାଇଦେବାକୁ କହି ହିତାଧିକାରୀଙ୍କଠାରୁ ଟଙ୍କା ଠକେଇ କରିଥିବା ଅଭିଯୋଗରେ ଢେଙ୍କାନାଳ ଟାଉନ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବାଲେଶ୍ୱର ଜିଲା ସୋର ଅଞ୍ଚଳର ଦେବାଶିଷ ରାଉତ। ଏ ନେଇ ନଂ. ୩୭୬/୨୨ରେ ଏକ ମାମଲା ରୁଜୁ କରାଯାଇଛି। ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ସୂଚନାଯୋଗ୍ୟ, ଦେବାଶିଷ ଢେଙ୍କାନାଳ ଅମଲାପଡ଼ାରେ ଏକ ଅର୍ଥଲଗାଣକାରୀ ସଂସ୍ଥା ଖୋଲିଛନ୍ତି। ବିଭିନ୍ନ ବ୍ୟାଙ୍କରୁ ଋଣ କରାଇଦେବାକୁ କହି ସେ ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଠକେଇ କରିଥିବା ଅଭିଯୋଗ ହୋଇଥିଲା। ଠକେଇର ଶିକାର ହୋଇଥିବା ୯ଜଣ ହିତାଧିକାରୀ ଏ ନେଇ ଟାଉନ ଥାନାର ଦ୍ୱାରସ୍ଥ ହେବାପରେ ପୋଲିସ ତନାଘନା ଆରମ୍ଭ କରିଥିଲା। ଆଉ କିଏ କିଏ ଏଭଳି ଠକେଇର ଶିକାର ହୋଇଛନ୍ତି, ସେ ନେଇ ପୋଲିସ ଖୋଳତାଡ଼ ଆରମ୍ଭ କରିଥିବା ଜଣାପଡ଼ିଛି।

### ବିନୟ କାଦୁଆ ସମବାୟ ସମିତି ସଭାପତି ନିର୍ବାଚିତ



**କାମାକ୍ଷାନଗର, ୨୫।୬(ଡି.ଏନ୍.ଏ.):** କାମାକ୍ଷାନଗର ବ୍ଲକ କାଦୁଆ ସେବା ସମବାୟ ସମିତିର ନିର୍ବାଚନ ଶୁକ୍ରବାର ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ବିନୟ କୁମାର ପରିଡ଼ା ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ସେହିପରି ନିର୍ଦ୍ଦେଶକ ଭାବେ କରୁଣାକର ଷଣ୍ଢ, ରୁଦ୍ରନାରାୟଣ ଷଣ୍ଢ, ହଟକିଶୋର ସେଠୀ, ହାଡ଼ିବନ୍ଧୁ ସାହୁ, ହରିହର ସାହୁ, ନରେଶ ମହାନ୍ତି, ସୁଶାନ୍ତ ଦେହୁରୀ, କିଶୋରୀ ଦେହୁରୀ, ଆଇନଜୀବୀ ସୂର୍ଯ୍ୟନାରାୟଣ ସାହୁ, ଦୁଲଣୀ ସାମଲ, ସରୋଜିନୀ ସେଠୀ, ଶାନ୍ତିଲତା ମହାନ୍ତି, ସୁରେଖା ଦାସ, ସରୋଜିନୀ ସାହୁ ପ୍ରମୁଖ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜଣାପଡ଼ିଛି।

# ଆରମ୍ଭ ପୂର୍ବରୁ ଅକଳରେ

**ଢେଙ୍କାନାଳ ଅଫିସ୍, ୨୫।୬**


ସ୍ପୋର୍ଟ୍ସ ହବ୍ ପରିସରରେ ନିର୍ମାଣ ହୋଇଥିବା ଇନ୍‌ଡୋର ହଲ୍।

- ଲକ୍ଷ୍ୟପଥରୁ ବିଚ୍ୟୁତ ହେଲାଣି ସ୍ପୋର୍ଟସ୍ ହବ୍
- ବ୍ୟାଡ୍‌ମିଣ୍ଟନ କୋର୍ଟ ନିର୍ମାଣରେ ବ୍ୟାପକ ତ୍ରୁଟି
- ୬୦ ଲକ୍ଷର ଇନ୍‌ଡୋର ହଲ୍ ତାଲା ଖୋଲୁନି
- ପ୍ରଭାବିତ ହେଉଛନ୍ତି ଦକ୍ଷତାସମ୍ପନ୍ନ କ୍ରୀଡ଼ାବିତ୍

ଶିଳ୍ପ ଜିଲା ଢେଙ୍କାନାଳ ହେବ କ୍ରୀଡ଼ାର ପେଣ୍ଠସ୍ଥଳ। କେବଳ ହକି, ଫୁଟ୍‌ବଲ୍ କିମ୍ବା କ୍ରିକେଟ୍ ମଧ୍ୟରେ ସୀମିତ ନ ରହି ଆନୁଷଙ୍ଗିକ କ୍ରୀଡ଼ା ଭିତ୍ତିଭୂମିର ବିକାଶ କରାଯିବ। ବ୍ୟାଡ଼ମିଣ୍ଟନ୍ ଭଳି ଖେଳ ଏବଂ ଖେଳାଳିଙ୍କୁ ପ୍ରୋତ୍ସାହିତ କରାଯିବ। ଏଭଳି ମହତ୍ ଉଦ୍ଦେଶ୍ୟ ନେଇ ପରିକଳ୍ପନା କରାଯାଇଥିଲା ସ୍ପୋର୍ଟ୍ସ ହବ୍‌ର। ତେବେ ଆରମ୍ଭ ପୂର୍ବରୁ ଅକଳରେ ପଡ଼ିଛି ଏହି ବହୁମୁଖୀ କ୍ରୀଡ଼ାକେନ୍ଦ୍ର। ତ୍ରୁଟିପୂର୍ଣ୍ଣ ନିର୍ମାଣ ପାଇଁ ବ୍ୟାଡ୍‌ମିଣ୍ଟନ ଖେଳ ଲାଗି ନିର୍ମାଣ ହୋଇଥିବା ୬୦ ଲକ୍ଷ ଟଙ୍କାର ଇନ୍‌ଡୋର ହଲ୍ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଏହି ପ୍ରସଙ୍ଗରେ ପୂର୍ତ୍ତ ବିଭାଗ ଏବଂ କ୍ରୀଡ଼ା ବିଭାଗ ପରସ୍ପର ଉପରେ ଦୋଷ ଲଦାଲଦି ହେଉଥିବାବେଳେ ମଝିରେ ପେଷି ହେଉଛନ୍ତି ଉନ୍ନତ ପ୍ରଶିକ୍ଷଣ ଲକ୍ଷ୍ୟରେ ଥିବା କ୍ରୀଡ଼ାବିତ୍।

ଢେଙ୍କାନାଳର ପ୍ରତିଭାବାନ ଖେଳାଳିଙ୍କୁ ଏକ ଅତ୍ୟାଧୁନିକ ପ୍ଲାଟ୍‌ଫର୍ମ ଯୋଗାଇଦେବା ଲକ୍ଷ୍ୟରେ ଜିଲା କୃଷି କାର୍ଯ୍ୟାଳୟ ପଛପଟେ ନିର୍ମାଣ କରାଯାଇଛି ସ୍ପୋର୍ଟସ୍ ହବ୍। ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କ ଉତ୍ସାହ ବୃଦ୍ଧି ପାଇଁ ୬୦ଲକ୍ଷ ଟଙ୍କା ବ୍ୟୟରେ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ ହୋଇ ଇନ୍‌ଡୋର ହଲ୍। ୨୦୧୮ରେ ଏହା ଆରମ୍ଭ ହୋଇଥିବାବେଳେ ୨୦୨୧ ଜାନୁୟାରୀ ସୁଦ୍ଧା କାର୍ଯ୍ୟ ଶେଷ ହୋଇଛି। ତେବେ ତ୍ରୁଟିପୂର୍ଣ୍ଣ ଭାବେ ବ୍ୟାଡମିଣ୍ଟନ କୋର୍ଟ ପ୍ରସ୍ତୁତ କରାଯାଇଥିବାରୁ ଅଦ୍ୟାବଧି ଏହା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ନିୟମ ଅନୁଯାୟୀ ବ୍ୟାଡ୍‌ମିଣ୍ଟନ ଖେଳ ପାଇଁ ୨ଟି କୋର୍ଟ ନିର୍ମାଣ କରାଯିବା କଥା। କିନ୍ତୁ ଏଠାରେ ମାତ୍ର ଗୋଟିଏ କୋର୍ଟ ପ୍ରସ୍ତୁତ କରାଯାଇଛି। ଏଥିଲାଗି ଆବଶ୍ୟକ ଉନ୍ନତମାନର ମ୍ୟାଟ୍‌ର ମୂଲ୍ୟ ପ୍ରାୟ ୪ ଲକ୍ଷ ଟଙ୍କା ହୋଇଥିବାବେଳେ ଶସ୍ତା ଉପକରଣରେ କାମ ଚଳାଇଦିଆଯାଇଛି। ବ୍ୟାଡ୍‌ମିଣ୍ଟନ କୋର୍ଟ ଭିତ୍ତିଭୂମି ତିଆରି କରାଯିବା ପୂର୍ବରୁ କୌଣସି ଅଭିଜ୍ଞ କ୍ରୀଡ଼ାବିତଙ୍କ ପରାମର୍ଶ ନିଆଯାଇ ନ ଥିବାରୁ ଏଭଳି ସମସ୍ୟା ଉପୁଜିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଖେଳାଳିଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସେମାନେ ଆରମ୍ଭରୁ ସମସ୍ୟା ସମ୍ପର୍କରେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଉନାହିଁ।

ଅନ୍ୟପଟେ ସ୍ପୋର୍ଟସ୍ ହବ୍ ଜାଗାକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଏହି ଜମି କୃଷି ବିଭାଗ ଅଧୀନରେ ଥିବାରୁ ନିୟମ ଅନୁଯାୟୀ ଏହାକୁ କ୍ରୀଡ଼ା ବିଭାଗ ଗ୍ରହଣ କରିପାରିବ ନାହିଁ। ଉକ୍ତ ଜମି କ୍ରୀଡ଼ା ବିଭାଗ ଅଧୀନକୁ ଆସିବା ପରେ ଆବଶ୍ୟକ ପଦକ୍ଷେପ ନିଆଯାଇପାରିବ। ତେବେ କେଉଁ ପରିସ୍ଥିତିରେ କୃଷି ବିଭାଗ ଜମିରେ କ୍ରୀଡ଼ାକେନ୍ଦ୍ର ପ୍ରତିଷ୍ଠା କରାଗଲା ଏବଂ ଏବେ ଯେଉଁ ବିବାଦ ଆରମ୍ଭ ହୋଇଛି ତାହାର ସମାଧାନ କିପରି ହେବ ସେ ନେଇ କାହାରି ପାଖରେ ସ୍ପଷ୍ଟ ଉତ୍ତର ନାହିଁ। ଇତିମଧ୍ୟରେ ଗତ ମେ ୩୧ରେ ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ କୁମାର ମହାନ୍ତି ଅବସର ଗ୍ରହଣ କରିଛନ୍ତି। ଉକ୍ତ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିଛି। ଏଭଳି ସ୍ଥିତିରେ ଇନ୍‌ଡୋର ହଲ୍ ଭାଗ୍ୟ କେବେ ଖୋଲିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାକୁ ନେଇ ଜିଲା ବ୍ୟାଡମିଣ୍ଟନ ଆସୋସିଏଶନ ସମ୍ପାଦକ ଟଙ୍କଧର ବେହେରା କ୍ଷୋଭ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଲକ୍ଷାଧିକ ଟଙ୍କା ଖର୍ଚ୍ଚ ଇନ୍‌ଡୋର ହଲ୍ ତିଆରି ହେଲା। କିନ୍ତୁ ଦୂରଦୃଷ୍ଟି ଅଭାବରୁ ଏହା ଖେଳ ଉପଯୋଗୀ ହୋଇପାରୁନାହିଁ। ଏ ସମ୍ପର୍କରେ ଜିଲା ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବା ଜରୁରୀ।

ଏ ନେଇ ଅବସରପ୍ରାପ୍ତ କ୍ରୀଡ଼ା ଅଧିକାରୀ ପ୍ରଦୀପ କୁମାର ମହାନ୍ତି କୁହନ୍ତି, ୨୦୧୮ରେ ତତ୍କାଳୀନ ଜିଲାପାଳଙ୍କ ନିର୍ଦ୍ଦେଶରେ କୃଷି ବିଭାଗର ଜାଗାରେ ବ୍ୟାଡ୍‌ମିଣ୍ଟନ ଖେଳ ପାଇଁ ଇନ୍‌ଡୋର ହଲ୍ ନିର୍ମାଣ ନିଷ୍ପତ୍ତି ହୋଇଥିଲା। ନିର୍ମାଣ ସମୟରେ କ୍ରୀଡ଼ା ବିଭାଗ, ବ୍ୟାଡ୍‌ମିଣ୍ଟନ ଖେଳରେ ଅଭିଜ୍ଞତା ଥିବା ବ୍ୟକ୍ତିଙ୍କ ସହ ପୂର୍ତ୍ତ ବିଭାଗ ପକ୍ଷରୁ ଯୋଗାଯୋଗ କରାଯାଇ ନ ଥିଲା। କୃଷି ବିଭାଗ ଜାଗାରେ କ୍ରୀଡ଼ା ବିଭାଗ କୌଣସି କାମ କରିପାରିବ ନାହିଁ। ଏ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯାଇଥିବାବେଳେ ସମସ୍ୟାର ସମାଧାନ ପାଇଁ ସେ ରାଜ୍ୟ ସରକାରଙ୍କୁ ପତ୍ର ଲେଖିଛନ୍ତି। ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ କୁହନ୍ତି, ମଞ୍ଜୁର ହୋଇଥିବା ଅନୁଦାନ ଟଙ୍କାରେ ଇନ୍‌ଡୋର ହଲ୍ ନିର୍ମାଣ କରାଯାଇଛି। ହଲ୍ ମଧ୍ୟରେ କୋର୍ଟ ନିର୍ମାଣ ସମୟରେ କ୍ରୀଡ଼ା ବିଭାଗ ପକ୍ଷରୁ କୌଣସି ବୈଷୟିକ ସହାୟତା ମିଳିଲାନାହିଁ। ଅଭିଜ୍ଞତା ଥିବା କୌଣସି ବ୍ୟକ୍ତି ସହଯୋଗ କଲେ ନାହିଁ। ଖେଳ ଉପଯୋଗୀ ଆବଶ୍ୟକ ନୂତନ ମ୍ୟାଟ୍ ପାଇଁ ବ୍ୟୟ ଅଟକଳ କରି ଦେବାପରେ ବିଭାଗ ପକ୍ଷରୁ ତାହାକୁ ଲଗାଇବା ବ୍ୟବସ୍ଥା କରାଯିବ।

## ନୂଆଗଡ଼ରେ ହାତୀ ଆତଙ୍କ


ଗ୍ରାମ ନିକଟରେ ଥିବା ହାତୀ।

**ଢେଙ୍କାନାଳ ଅଫିସ, ୨୫।୬**

ଢେଙ୍କାନାଳ ଜିଲା ଷଡ଼ଙ୍ଗୀ ରେଞ୍ଜ ଅଧୀନ ବଣସିଂହ ନିକଟ ନୂଆଗଡ଼ ଗ୍ରାମରେ ଦୁଇଦିନ ହେଲା ହାତୀପଲ ଉପଦ୍ରବ ଚଳାଇଛନ୍ତି। ଗ୍ରାମ ନିକଟ କାଜୁ ଜଙ୍ଗଲରେ ୮ ହାତୀ ଡେରା ପକାଇଛନ୍ତି। ସେମାନଙ୍କ ଗର୍ଜନରେ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ରାସ୍ତାରେ ଯାଉଥିବା ପଥଚାରୀଙ୍କୁ ହାତୀପଲ ଆକ୍ରମଣ କରିବାକୁ ଗୋଡ଼ାଉଛନ୍ତି। ଫଳରେ ସନ୍ଧ୍ୟାପରେ ଯାତାୟାତ ଠପ୍ ହୋଇଯାଉଛି। ସୂଚନା ପାଇ ବନ କର୍ମଚାରୀ ଏବଂ ହାତୀ ସ୍କ୍ୱାଡ୍ ସଦସ୍ୟ ପହଞ୍ଚି ହାତୀଙ୍କୁ ଘଉଡ଼ାଇବା ପାଇଁ ଉଦ୍ୟମ ଚଳାଇଛନ୍ତି। ଏ ନେଇ ଷଡ଼ଙ୍ଗୀ ରେଞ୍ଜର ଚନ୍ଦ୍ରମଣି ବେହେରା କହିଛନ୍ତି, ହାତୀପଲ ଗତିବିଧି ଉପରେ କଡ଼ା ନଜର ରଖାଯାଇଛି। ସେମାନଙ୍କୁ ଅନ୍ୟତ୍ର ଘଉଡ଼ାଇବା ପାଇଁ ଉଦ୍ୟମ କରାଯାଉଛି।

# ସମବାୟ ନିର୍ବାଚନ ବନ୍ଦ କରିବାକୁ ଦାବି

**କାମାକ୍ଷାନଗର, ୨୫।୬(ଡି.ଏନ୍.ଏ.)**

**କେନ୍ଦ୍ର ବଦଳାଇବାକୁ ନେଇ ଉତ୍ତେଜନା**

କାମାକ୍ଷାନଗର ବ୍ଲକ ମହୁଲପାଳରେ ସମବାୟ ସମିତି ନିର୍ବାଚନକୁ ନେଇ ଶନିବାର ଉତ୍ତେଜନା ଦେଖାଦେଇଛି। ବିନା ସୂଚନାରେ ନିର୍ବାଚନ କେନ୍ଦ୍ର ପରିବର୍ତ୍ତନକୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ତେଣୁ ନିର୍ବାଚନ ବନ୍ଦ ରଖିବାକୁ କେତେଜଣ ପ୍ରାର୍ଥୀ ଦାବି କରିଛନ୍ତି।

ମହୁଲପାଳ ସମବାୟ ସମିତି ନିର୍ବାଚନ ସୋସାଇଟି କାର୍ଯ୍ୟାଳୟ ପରିସରରେ ରବିବାର କରାଯିବାକୁ ନିଷ୍ପତ୍ତି ହୋଇଥିଲା। ତେବେ ଶେଷ ମୁହୂର୍ତ୍ତରେ ମତଦାନ କେନ୍ଦ୍ର ପଞ୍ଚାୟତ କାର୍ଯ୍ୟାଳୟକୁ ପରିବର୍ତ୍ତନ କରାଯାଇଛି। ଏହାକୁ କେତେଜଣ ପ୍ରାର୍ଥୀ ବିରୋଧ କରୁଛନ୍ତି। ବ୍ୟକ୍ତିଗତ ସ୍ୱାର୍ଥ ପାଇଁ କାହାରିକୁ ନ ଜଣାଇ ଏଭଳି ନିଷ୍ପତ୍ତି ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ସେମାନେ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ଏହାର ପ୍ରତିବାଦ କରିବା ସହ ନିର୍ବାଚନ ବନ୍ଦ କରିବାକୁ ଅଡ଼ି ବସିଥିଲେ। ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। କାମାକ୍ଷାନଗର ପୋଲିସ ପହଞ୍ଚି ଉତ୍ୟକ୍ତ ପ୍ରାର୍ଥୀଙ୍କୁ ବୁଝାଶୁଝା କରୁଛି। ଖବର ଲେଖାଯିବା ପର୍ଯ୍ୟନ୍ତ ଏହାର ସମାଧାନ ବାହାରି ପାରି ନ ଥିଲା।


ନିର୍ବାଚନ ପୂର୍ବରୁ କେନ୍ଦ୍ର ପରିବର୍ତ୍ତନକୁ ନେଇ ସମବାୟ ସମିତି ସଦସ୍ୟମାନେ ପ୍ରତିବାଦ କରୁଛନ୍ତି।



ସାମାନ୍ୟ ବର୍ଷାରେ ଢେଙ୍କାନାଳ ଜିଲା ଭୁବନ ନୂଆବଜାର ନିକଟ ପୂର୍ତ୍ତ ବିଭାଗ ଡାକବଙ୍ଗଳା ରାସ୍ତାରେ ଆବର୍ଜନା ପାଣି ଜମି ପୁତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଡ୍ରେନ୍ ପୋତି ହୋଇଯାଇଥିବାରୁ ଏଭଳି ସମସ୍ୟା ଉପୁଜିଛି। (ଫଟୋ-ବିପିନ)।

# ଭାଇ ଆଣିଲେ ହତ୍ୟା ଅଭିଯୋଗ

**ସାତମାଇଲ, ୨୫।୬(ଡି.ଏନ୍.ଏ.)**

**ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ମୋଟଙ୍ଗା ଥାନା ଅଧୀନ ଘୋଡ଼ାଡିଆଁ ଗ୍ରାମର ମଧୁସ୍ମିତା ବେହେରାଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ଗତ ଶୁକ୍ରବାର ଜବତ କରାଯାଇଛି। ଶାଶୁଘର ଲୋକେ ଏହାକୁ ଆତ୍ମହତ୍ୟା କହୁଥିବାବେଳେ ଭଉଣୀଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ମୃତ ମହିଳାଙ୍କ ଭାଇ ଅନନ୍ତ ଚରଣ ବେହେରା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ମହିଳାଙ୍କ ସ୍ୱାମୀ ଜିତେନ୍ଦ୍ର ପରିଡ଼ା ଏବଂ ଶ୍ୱଶୁର ଶ୍ରୀଧର ପରିଡ଼ାଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିବା ଥାନାଧିକାରୀ ନିରଞ୍ଜନ ସେଠୀ ସୂଚନା ଦେଇଛନ୍ତି। ଅନନ୍ତ ଏତଲାରେ ଦର୍ଶାଇଛନ୍ତି, ବନ୍ତଲା ଥାନା ବସଲା ଗ୍ରାମର ମଧୁସ୍ମିତା ୩ବର୍ଷ ତଳେ ଘୋଡ଼ାଡିଆଁ ଗ୍ରାମର ଜିତେନ୍ଦ୍ରଙ୍କୁ ବିବାହ କରିଥିଲେ। କୌଣସି କାରଣରୁ ପ୍ରାୟ ବର୍ଷେ ହେଲା ଭଉଣୀ ମଧୁସ୍ମିତାଙ୍କୁ ଶାଶୁଘର ଲୋକେ ଅକଥନୀୟ ନିର୍ଯାତନା ଦେଉଥିଲେ। ନିର୍ଯାତନା ସମୟରେ କେତେକ ଭିଡିଓ କ୍ଲିପ୍ ତାଙ୍କ ପାଖରେ ଅଛି। ଶୁକ୍ରବାର ହଠାତ୍ ଭଉଣୀ ଆତ୍ମହତ୍ୟା କରିଥିବା ନେଇ ତାଙ୍କ ଶାଶୁଘରୁ ଫୋନ୍ ଆସିଥିଲା। ତେବେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ। ଏଥିରେ ସ୍ୱାଇଁ, ଶାଶୁ ଏବଂ ଶ୍ୱଶୁରଙ୍କ ହାତ ରହିଛି। ଏହାର ନିରପେକ୍ଷ ତଦନ୍ତ କରି ନ୍ୟାୟ ଦେବାକୁ ଅନନ୍ତ ନିବେଦନ କରିଛନ୍ତି। ଅନ୍ୟପଟେ ଢେଙ୍କାନାଳ ଜିଲା ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଗ୍ରାମ ଶ୍ମଶାନରେ ଶୋକାକୁଳ ପରିବେଶରେ ମୃତଦେହ ସଂସ୍କାର କରାଯାଇଛି।

## 'ଶୃଙ୍ଖଳିତ ହେଲେ ଜୀବନ ସୁଖମୟ ହେବ'

**ଢେଙ୍କାନାଳ ଅଫିସ୍, ୨୫।୬**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଉଦ୍ଭିଦ ବିଜ୍ଞାନ ବିଭାଗର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କଲେଜ ଅଧକ୍ଷ ରଞ୍ଜିତ କୁମାର ପ୍ରଧାନ ଯୋଗଦେଇ କହିଲେ, ଯୁବପିଢ଼ି ଶୃଙ୍ଖଳିତ ହୋଇ ସମୟର ସଦୁପଯୋଗ କଲେ ଭବିଷ୍ୟତ ସୁଖମୟ ହୋଇପାରିବ। ପରୀକ୍ଷା ନିୟନ୍ତ୍ରକ ଜୟଦେବ ପାଢ଼ୀ ଉତ୍ତମ ନାଗରିକ ହୋଇ ସମାଜରେ ସ୍ୱତନ୍ତ୍ର ସ୍ୱାକ୍ଷର ଛାଡ଼ିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଦେବରାଜ ପରିଡ଼ା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ବିଭାଗର ମୁଖପତ୍ର 'ସ୍ପିରୁଲିନା' ଉନ୍ମୋଚିତ ହୋଇଥିଲା। ପ୍ରାରମ୍ଭରେ ବିଭାଗୀୟ ମୁଖ୍ୟ ଡ. ଅନିରୁଦ୍ଧ ଖିଲାର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପିକା ସବନମ୍ ମହାପାତ୍ର, ଲିଜାରିନ ସେନାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପିକା ଚିନ୍ମୟୀ ସାହୁ ଧନ୍ୟବାଦ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଅତିଥିମାନେ ବିଭାଗର ମୁଖପତ୍ର 'ସ୍ପିରୁଲିନା'ର ଉନ୍ମୋଚନ କରୁଛନ୍ତି।

# ଇପିଏଫ୍ ପେନ୍‌ସନ ବୃଦ୍ଧି ଦାବି

**ଢେଙ୍କାନାଳ ଅଫିସ, ୨୫।୬**

**ପ୍ରଧାନମନ୍ତ୍ରୀଙ୍କ ନିକଟକୁ ୬୦୦ ପୋଷ୍ଟକାର୍ଡ ପ୍ରେରଣ**

ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନ୍‌ଭୋଗୀ ସଂଘ ଢେଙ୍କାନାଳ ଶାଖାର କାର୍ଯ୍ୟକାରିଣୀ ବୈଠକ ଦଧିବାମନଜୀଉ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ଦାବି ସମ୍ବଳିତ ୬୦୦ ପୋଷ୍ଟକାର୍ଡ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରାଯାଇଛି। ଦେଶର ୭୦ ଲକ୍ଷ ତଥା ଓଡ଼ିଶାର ୧.୭୦ଲକ୍ଷ ପେନ୍‌ସନ୍‌ଭୋଗୀଙ୍କ ଇପିଏଫ୍ ପେନ୍‌ସନ୍ ବୃଦ୍ଧି ପାଇଁ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଏହାର ପ୍ରତିବାଦରେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ନିଷ୍ପତ୍ତିକ୍ରମେ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ୬୦୦ ପୋଷ୍ଟକାର୍ଡ ପ୍ରେରଣ କରାଯାଇଛି। ସର୍ବନିମ୍ନ ପେନ୍‌ସନ୍ ୯,୦୦୦ ଟଙ୍କା, ମହଙ୍ଗାଭତ୍ତା, ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଯୋଜନାରେ ଚିକିତ୍ସା ସହାୟତା, ସୁପ୍ରିମକୋର୍ଟ ଓ କେରଳ ହାଇକୋର୍ଟ ଆଦେଶ ଅନୁଯାୟୀ ବର୍ଦ୍ଧିତ ପେନସନ ପ୍ରଦାନ ଆଦି ପ୍ରମୁଖ ଦାବି ପୂରଣ କରିବାକୁ ଏଥିରେ ଉଲ୍ଲେଖ କରାଯାଇଛି। ସଭାପତି ଜ୍ୟୋତିରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସଭାପତି ହୃଦାନନ୍ଦ ପ୍ରଧାନ, ଶରତ ରଥ, ସମ୍ପାଦକ ସଦାଶିବ ମିଶ୍ର, ଯୁଗ୍ମସମ୍ପାଦକ ଉମାଶଙ୍କର ଦାଶ, ଗୋଲକ ବରାଳ, କୋଷାଧ୍ୟକ୍ଷ ନେତ୍ରାନନ୍ଦ ସାହୁ, କାର୍ଯ୍ୟକାରିଣୀ ସଭ୍ୟ ବାଇଧର ଚକ୍ର, ପଠାଣି ଚରଣ ପୃଷ୍ଟି, ରମେଶ ଚନ୍ଦ୍ର ସାମଲ, ଗୋପୀନାଥ ଜେନା, ନୀରୋଦ ପଟ୍ଟନାୟକ, ଧ୍ରୁବ ନାଏକ, ପ୍ରଫୁଲ୍ଲ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ଉମାଶଙ୍କର ଦାଶ ଧନ୍ୟବାଦ ଦେଇଥିଲେ।



ବୈଠକରେ ଉପସ୍ଥିତ ଇପିଏଫ୍ ପେନ୍‌ସନ୍ ଭୋଗୀ ସଂଘ ସଦସ୍ୟ। ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରିବାକୁ ରଖାଯାଇଥିବା ପୋଷ୍ଟକାର୍ଡ।

ଧରିତ୍ରୀ DHARITRI
ରବିବାର,୨୬ ଜୁନ୍, ୨୦୨୨

## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୩ ଗିରଫ



**ବଇଣ୍ଡା, ୨୫।୬(ଡି.ଏନ୍.ଏ):** ଆଠମଲ୍ଲିକ ଓ ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ଶନିବାର ହଣ୍ଡପା ଓ କିଶୋରନଗର ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ୫୬ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ କିଶୋରନଗର ଥାନା ବର୍ବଡିପାଲି ଗ୍ରାମର ରଞ୍ଜନ ମାହାର, ହଣ୍ଡପା ଥାନା ଚୂଳିଆପୁର ଗ୍ରାମର ଦୁର୍ଯ୍ୟୋଧନ ବେହେରା ଏବଂ ବଡଡଙ୍ଗିଆଣୀ ଗ୍ରାମର ଚିନ୍ମୟ ନାୟକଙ୍କୁ ଗିରଫ କରାଯାଇଛି। ସେମାନେ ଘରେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ବଇଣ୍ଡା ଅବକାରୀ ଅଧିକାରୀ ବଳବୀର ଗଡନାୟକଙ୍କ ସମେତ କର୍ମଚାରୀମାନେ ଚଢାଉ କରିଥିଲେ।

### ଜମିବାଡ଼ି ବିବାଦକୁ ନେଇ ମାରପିଟ

**ବଇଣ୍ଡା, ୨୫।୬(ଡି.ଏନ୍.ଏ):** ହଣ୍ଡପା ଥାନା କଦଳୀମୁଣ୍ଡା ଗ୍ରାମର ଦିଲୀପ ବେହେରାଙ୍କୁ ସେହିଗ୍ରାମର ସୁଶାନ୍ତ ବେହେରା ଓ ବବିତା ବେହେରା ମାଡ଼ ମାରିବା ସହ ଗାଳି ଗୁଲଜ କରିଥିବା ଶନିବାର ହଣ୍ଡପା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ଉଭୟଙ୍କ ପରିବାର ମଧ୍ୟରେ ପୂର୍ବରୁ ଜମିବାଡ଼ି ବିବାଦକୁ ନେଇ ଗଣ୍ଡଗୋଳ ଲାଗିରହିଥିଲା। ଏହାକୁ କେନ୍ଦ୍ରକରି ତାଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ପୋଲିସ ନଂ. ୧୫୯/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେହିପରି ବବିତା ଏକ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ପୂର୍ବଶତ୍ରୁତା ଓ ଜମିବାଡିକୁ ନେଇ ଦିଲୀପ ତାଙ୍କୁ ଗାଳିଗୁଲଜ କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ପୋଲିସ ନମ୍ବର ୧୬୦/୨୨ ରେ ଏକ ମାମଲା ରୁଜୁ କରିଛି।

### ଯୁବକଙ୍କୁ ଆକ୍ରମଣ ଅଭିଯୋଗ

**ବଇଣ୍ଡା, ୨୫।୬(ଡି.ଏନ.ଏ):** ଠାକୁରଗଡ଼ ଥାନା ବନମାଳୀପୁର ଗ୍ରାମର ପରେଶ ବେହେରାଙ୍କୁ ଠାକୁରଗଡ଼ ଗ୍ରାମର କାହ୍ନା ମୁଣ୍ଡା ଶନିବାର ଆକ୍ରମଣ କରିଥିବା ଠାକୁରଗଡ଼ ଥାନାରେ ଅଭିଯୋଗ ହୋଇଛି। ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ସେ ଠାକୁରଗଡ଼ କଲେଜକୁ ଆସିଥିବାବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କାହ୍ନା ତାଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ପୋଲିସ ନଂ. ୧୫୭/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### କମ୍ପସଲା ପଞ୍ଚାୟତ ସମିତିସଭ୍ୟଙ୍କ ପରଲୋକ



**ଛେଣ୍ଡିପଦା, ୨୫।(ସ୍ୱ .ପ୍ର):** ଛେଣ୍ଡିପଦା ବ୍ଲକ କମ୍ପସଲା ପଞ୍ଚାୟତର ସମିତିସଭ୍ୟ ସନ୍ତୋଷ କୁମାର ପ୍ରଧାନଙ୍କ ଶନିବାର ପରଲୋକ ହୋଇଛି। ସେ ଜଣେ ସରଳ, ମିଷ୍ଟଭାଷୀ ତଥା ପରୋପକାରୀ ବ୍ୟକ୍ତି ଥିଲେ। କମ୍ପସଲା ପଞ୍ଚାୟତର ବିକାଶ ପାଇଁ ଉଦ୍ୟମ ଜାରି ରଖିଥିଲେ। ଚଳିତ ନିର୍ବାଚନ ପରେ ସେ ଅସୁସ୍ଥତା ଯୋଗୁ ଚିକିତ୍ସିତ ହେଉଥିଲେ । ତାଙ୍କର ଶନିବାର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଛି। ତାଙ୍କ ମର ଶରୀରକୁ ଗ୍ରାମକୁ ଅଣାଯାଇ ଶେଷକୃତ୍ୟ ସମ୍ପୂର୍ଣ୍ଣ କରାଯାଇଛି। ତାଙ୍କ ବିୟୋଗ ଖବରପାଇ ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ବ୍ଲକ ଅଧକ୍ଷା ସୁମିତ୍ରା ପ୍ରଧାନ, କୋଶଳା ସରପଞ୍ଚ ଉଦିତ କୁମାର ପ୍ରଧାନ, ଜିଲା ପରିଷଦ ସଦସ୍ୟ ପ୍ରଦୀପ ସାହୁ, ସରପଞ୍ଚ ବାବୁଲି ପ୍ରଧାନଙ୍କ ସମେତ ଛେଣ୍ଡିପଦା ବ୍ଲକର ବହୁ ନିର୍ବାଚିତ ପ୍ରତିନିଧିମାନେ ବାସଗୃହଠାରେ ପହଞ୍ଚି ଶେଷ ଦର୍ଶନ କରିବାସହ ଶୋକସନ୍ତପ୍ତ ପରିବାର ତଥା ଆତ୍ମୀୟଙ୍କୁ ସମବେଦନା ଜଣାଇଥିଲେ।

# ବର୍ଷା ହେଲେ ବଦଳେ ରାସ୍ତା

**ବଇଣ୍ଡା, ୨୫।୬(ପରିକ୍ଷିତ ସାହୁ )**



ପକ୍କା ହୋଇଛି କଚ୍ଚା ରାସ୍ତା। ଯାତ୍ରୀ ଏବଂ ଯାନବାହନ ଗମନାଗମନ ପାଇଁ ପ୍ରସ୍ତୁତ ପିଚୁ ସଡ଼କରେ ଯାତାୟାତ କରିବା ଅଧିକ ସୁଗମ ହୋଇଛି। ହେଲେ ଏହାକୁ ନେଇ ବର୍ଷସାରା ଖୁସି ହୋଇପାରୁନାହାନ୍ତି ଅନୁଗୋଳ ଜିଲା କିଶୋରନଗର ବ୍ଲକର ୫ ପଞ୍ଚାୟତର ବାସିନ୍ଦା। ରାସ୍ତାରେ ପଡୁଥିବା ୩ ନାଳ ସେମାନଙ୍କ ଦୁଃଖର କାରଣ ସାଜିଛି। ସେତୁ ନିର୍ମାଣ ହୋଇପାରୁ ନ ଥିବାରୁ ଲଗାଣ ବର୍ଷାରେ ଉଛୁଳୁଛି ନାଳ। ରାସ୍ତା ଉପରେ ପ୍ରବାହିତ ପ୍ରଖର ଜଳସ୍ରୋତ ଯୋଗାଯୋଗକୁ ବିଚ୍ଛିନ୍ନ କରିଦେଉଛି। ଫଳରେ ଅନ୍ୟ ରାସ୍ତା ବ୍ୟବହାର କରିବାକୁ ବାଧ ହେଉଛନ୍ତି ସେମାନେ, ଯେଉଁଥିରେ ସେମାନଙ୍କୁ ୭ରୁ ୧୦ କିଲୋମିଟର ଯାଏ ଅଧିକ ବୁଲାଣି ପଡୁଛି।

କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ ବୈଷ୍ଣବସାହିଠାରୁ ଅର୍ଜୁନଧରା ଦେଇ ବିଲେଇନାଳି ପଞ୍ଚାୟତକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତା ନୂଆ ରୂପ ନେଇଛି। ନୁନୁକାପଶି, ଲୁହାମୁଣ୍ଡା, ଗାଁ ବଇଣ୍ଡା, ବିଲେଇନାଳି, ଉରୁକୁଳା ଆଦି ୫ ପଞ୍ଚାୟତ ଅଧୀନ ୧୧ ଗ୍ରାମର ୧୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନରେଖା ପାଲଟିଛି ଏହି ପକ୍କା ସଡ଼କ। ୧୦.୪୦୦ କିଲୋମିଟର ଦୀର୍ଘ ଏହି ରାସ୍ତାର ପିଚୁ ଢଳେଇ କାର୍ଯ୍ୟରେ ଖର୍ଚ୍ଚ ହୋଇଛି ୬ କୋଟି ୯୫ ଲକ୍ଷ ଟଙ୍କା। ୨୦୧୮ ଡିସେମ୍ବରରୁ ଏହାର ନିର୍ମାଣ କାମ ଆରମ୍ଭ ହୋଇ ୨୦୨୦ ଜାନୁୟାରୀରେ ଶେଷ ହୋଇଛି। ତେବେ ରାସ୍ତାରେ ପଡୁଥିବା ବାଙ୍କଧର ନାଳ,

- ୩ ନାଳ ଉପରେ ନିର୍ମାଣ ହେଉନାହିଁ ସେତୁ
- ଲଗାଣବର୍ଷା ହେଲେ ଯୋଗାଯୋଗ ବିଚ୍ଛିନ୍ନ
- ୭ରୁ ୧୦ କି.ମି. ଯାଏ ଅଧିକ ବୁଲାଣି ପଡୁଛି
- ସମସ୍ୟା ଭୋଗୁଛନ୍ତି ୫ ପଞ୍ଚାୟତର ୧୫ ହଜାର ବାସିନ୍ଦା

ସୋଲଣ୍ଡା ନାଳ, ଅର୍ଜୁନଧରା ନାଳ ଉପରେ ବ୍ରିଜ୍ ନିର୍ମାଣ ହୋଇପାରୁନାହିଁ। ଫଳରେ ଲଗାଣ ବର୍ଷା ହେଲେ ସମ୍ପୃକ୍ତ ନାଳର ପ୍ରଖର ସ୍ରୋତ ରାସ୍ତାକୁ ମାଡୁଛି। ୨ ଫୁଟରୁ ୪ ଫୁଟ ଯାଏ ପାଣି ପ୍ରବାହିତ ହେବା ଫଳରେ ଯାତାୟାତ ବିଚ୍ଛିନ୍ନ ହୋଇପଡୁଛି। ଖରା ଏବଂ ଶୀତଦିନେ କାମ ଚଳିଯାଉଥିବାବେଳେ ବର୍ଷା ଦିନେ ସ୍ଥିତି ଅଧିକ ସଙ୍ଗୀନ ହୋଇପଡୁଛି। ଲୋକମାନେ ୭କିମି ଦୂର ହଣ୍ଡପା ନଚେଟ୍ ୧୦ କିମି ଦୂର ପଟାପଥର ଦେଇ ଯାତାୟାତ କରିବାକୁ ବାଧ ହେଉଛନ୍ତି। ୨୦୨୧ରେ ଉକ୍ତ ୩ ନାଳ ଉପରେ ବ୍ରିଜ୍ ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ମିଳିଥିବାବେଳେ ତାହା ଧୂଆଁବାଣରେ ପରିଣତ ହୋଇଥିବା ଅଭିଯୋଗ ହୋଇଛି। ପ୍ରତିବର୍ଷ ଭୋଗୁଥିବା ସମସ୍ୟା ସମ୍ପର୍କରେ ଶରଧାମୁଣ୍ଡା, ସୋଲଣ୍ଡା, ଅର୍ଜୁନଧରା, ଭେଜିଗୋଠ, ବଡ଼ଗୋବିନ୍ଦପୁର, ଗରୁଡ, ଜାମ୍ବବଣିଆ, ସାତପେରେଡିଆ, ବଡ଼ବାହଳ, ବଣିନାଳି, ଉରୁକୁଳା ପ୍ରମୁଖ ୧୧ ଗ୍ରାମର ବାସିନ୍ଦା ଏକାଧିକ ଥର ସ୍ୱର ଉତ୍ତୋଳନ କରିଛନ୍ତି। ପୂର୍ତ୍ତ ବିଭାଗଠାରୁ ଆରମ୍ଭ କରି ଜିଲା ପ୍ରଶାସନ, ସ୍ଥାନୀୟ ଜନପ୍ରତିନିଧି ଏପରି କି ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ ମଧ କରିଛନ୍ତି। ହେଲେ ସେମାନଙ୍କ ଦାବି ପୂରଣ ହୋଇପାରିନାହିଁ। ଅନ୍ୟପଟେ ବର୍ଷାପାଣି ସ୍ରୋତରେ ପିଚୁ ସଡ଼କ କ୍ଷତିଗ୍ରସ୍ତ ହେବାରେ ଲାଗିଛି। ୩ଟି ସେତୁ ପାଇଁ ପ୍ରାୟ ୭ କୋଟି ଟଙ୍କାର ରାସ୍ତା ଶୋଚନୀୟ ହୋଇପଡ଼ିବା ଆଶଙ୍କା ଦେଖାଦେଇଥିବାବେଳେ ସମସ୍ୟାକୁ ଗୁରୁତ୍ୱର ସହ ବିଚାର କରିବାକୁ ସମ୍ପୃକ୍ତ ପଞ୍ଚାୟତବାସୀ ଦାବି କରିଛନ୍ତି।

ଏ ସଂକ୍ରାନ୍ତରେ ପୂର୍ତ୍ତ ବିଭାଗ ଏସ୍‌ଡିଓ ଫକୀର ମୋହନ ସାହୁ କୁହନ୍ତି, ନାଳ ଉପରେ ବ୍ରିଜ୍ ନିର୍ମାଣ କରିବା ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ପଠାଯାଇଛି। ଅର୍ଥ ମଞ୍ଜୁର ହୋଇ ଆସିଲେ ବ୍ରିଜ୍ ନିର୍ମାଣ ହେବ।

**ଆନ୍ତରିକତା ଅଭାବ**



"ରାଜ୍ୟ ସରକାରଙ୍କ ଆନ୍ତରିକତା ଅଭାବରୁ ୩ ବ୍ରିଜ୍ ନିର୍ମାଣ ହୋଇପାରୁନାହିଁ। ଆଠମଲ୍ଲିକ-କିଶୋରନଗର ବ୍ଲକକୁ ସଂଯୋଗ କରୁଥିବା ଏହି ରାସ୍ତାରେ ଥିବା ୩ ନାଳ ବର୍ଷାଦିନେ ଉଛୁଳୁଛି। ଯାତାୟାତ ପ୍ରଭାବିତ ହେଉଛି। ପୂର୍ତ୍ତ ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ।

-ଧ୍ରୁବଚରଣ ସାହୁ, ବଡ଼ଗୋବିନ୍ଦପୁର ବାସିନ୍ଦା

**ଜିଲା ପ୍ରଶାସନ ଗୁରୁତ୍ୱ ଦେଉ**



"ରାସ୍ତା କାର୍ଯ୍ୟ ୩ବର୍ଷ ହେଲା ସରିଥିଲେ ମଧ ନାଳ ଉପରେ ବ୍ରିଜ ନିର୍ମାଣ ହୋଇପାରୁନାହିଁ। ଫଳରେ ଯାତ୍ରୀବାହୀ ବସ୍ ଚଳଚଳ କରିପାରୁନାହିଁ। ବର୍ଷାଦିନେ ଯାତାୟାତ ପ୍ରଭାବିତ ହେଉଛି। ଏଥିପ୍ରତି ଜିଲା ପ୍ରଶାସନ ଗୁରୁତ୍ୱ ଦେବା ଜରୁରୀ।

-ମଦନ ବିଶ୍ୱାଳ, ଭେଜିଗୋଠ ବାସିନ୍ଦା

**୭ କିଲୋମିଟର ବୁଲାଣି ପଡୁଛି**



"ଅର୍ଜୁନଧରା ଗ୍ରାମକୁ ପିଚୁ ରାସ୍ତା ନିର୍ମାଣ ହେବା ପରେ ଅଞ୍ଚଳର ଗୁରୁତ୍ୱ ବୃଦ୍ଧି ପାଇଛି। ହେଲେ ନାଳ ଉପରେ ବ୍ରିଜ୍ ନିର୍ମାଣ କରାଯାଉ ନ ଥିବାରୁ ଲଗାଣ ବର୍ଷା ହେଲେ ଗମନାଗମନ ବିଚ୍ଛିନ୍ନ ହୋଇପଡୁଛି। ବଇଣ୍ଡାରୁ ଗ୍ରାମକୁ ଆସିବାକୁ ୭ କିଲୋମିଟର ଅଧିକ ବୁଲାଣି ପଡୁଛି।

-ସୁଶାନ୍ତ ସାହୁ, ଅର୍ଜୁନଧରା ବାସିନ୍ଦା

**ଅବଗତ ସତ୍ତ୍ୱେ ପଦକ୍ଷେପ ନାହିଁ**



"ବ୍ରିଜ୍ ନିର୍ମାଣ ପାଇଁ ବିଧାୟକଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯିବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉନାହିଁ। କିଶୋରନଗର ବ୍ଲକ ମୁଖ୍ୟାଳୟକୁ ସଂଯୋଗ କରୁଥିବା ଏହି ରାସ୍ତା ଉପରେ ବହୁ ଜନସାଧାରଣ ନିର୍ଭର କରୁଥିବାବେଳେ ସେତୁ ନିର୍ମାଣ ଜରୁରୀ ହୋଇପଡିଛି।

-ବନବିହାରୀ ପ୍ରଧାନ, ସୋଲଣ୍ଡା ବାସିନ୍ଦା

**ସରକାରଙ୍କୁ ଅବଗତ କରାଯାଇଛି**



"ଉକ୍ତ ରାସ୍ତାରେ ପଡୁଥିବା ୩ ନାଳ ଉପରେ କିଭଳି ବ୍ରିଜ୍ ନିର୍ମାଣ ହେବ, ସେ ନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି। ପୂର୍ତ୍ତ ବିଭାଗ ସଚିବଙ୍କୁ ଚିଠି ମାଧମରେ ଅବଗତ ମଧ କରାଯାଇଛି। ସରକାରଙ୍କ ପକ୍ଷରୁ ଅର୍ଥ ମଞ୍ଜୁର ହେଲେ ବ୍ରିଜ ନିର୍ମାଣ କରାଯିବ।

-ରମେଶ ଚନ୍ଦ୍ର ସାଏ, ଆଠମଲ୍ଲିକ ବିଧାୟକ

# ୨ ଫରେଷ୍ଟର ନିଲମ୍ବିତ, ୩ ଶିକାରୀ ଗିରଫ

**ଅନୁଗୋଳ ଅଫିସ୍/ ବନ୍ତଲା(ଡି.ଏନ.ଏ), ୨୫।୬**

ସାତକୋଶିଆ ଅଭୟାରଣ୍ୟରୁ ହାତୀ କଙ୍କାଳ ଜବତ ଘଟଣାରେ ଅନୁଗୋଳ ଜିଲା ବନ ବିଭାଗ ପକ୍ଷରୁ ଶନିବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ଘଟଣାରେ ଫରେଷ୍ଟର ସହଦେବ ସୋରେନ୍ ଏବଂ ଅନୁପମା ସାହୁଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ଏଥିସହ ଜିଲିଣ୍ଡା ରେଞ୍ଜରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସୁପାରିସ୍ କରାଯାଇଥିବା ସାତକୋଶିଆ ଡିଏଫ୍‌ଓ ସରୋଜ କୁମାର ପଣ୍ଡା ସୂଚନା ଦେଇଛନ୍ତି। ସେହିପରି ହାତୀ ଶିକାର କରିଥିବା ଅଭିଯୋଗରେ ନଥପଡ଼ା ଗ୍ରାମର ସୁରେଶ ଚନ୍ଦ୍ର ପ୍ରଧାନ, ଶିଶୁପଥର ଗ୍ରାମର ଅମର ଅମାନ୍ତ ଏବଂ ପ୍ରମୋଦ ବେହେରା ପ୍ରମୁଖ ୩ ଶିକାରୀଙ୍କୁ ଅପରାହ୍ନରେ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

ସୂଚନାଯୋଗ୍ୟ, ସାତକୋଶିଆ ଅଭୟାରଣ୍ୟ ଅଧୀନ ଜିଲିଣ୍ଡା ରେଞ୍ଜ୍ ଜୁଡୁମ ସେକ୍ସନ ସତ୍ୟଜୟପୁର ଡିପିଏଫ୍ ଜଙ୍ଗଲରୁ ଗତ ଗୁରୁବାର ଏକ ହାତୀ କଙ୍କାଳ ଜବତ ହୋଇଥିଲା। ୨୦୨୧ ମେ'ରେ ଶିକାରୀମାନେ ଉକ୍ତ ହାତୀ ଶିକାର କରିଥିଲେ। ଦାନ୍ତ ବାହାର କରିନେବା ପରେ ହାତୀ ମୃତଦେହକୁ ପୋତି ଦେଇଥିଲେ। ବନ ବିଭାଗର କେତେଜଣ କର୍ମଚାରୀ ଏବଂ ପଦସ୍ଥ ଅଧିକାରୀଙ୍କ ଜାଣତରେ ଏହି ଘଟଣା ଘଟିଥିଲା। ତେବେ ଏହାକୁ ଚପାଇ ଦେବାକୁ ଉଦ୍ୟମ କରାଯାଇଥିଲା। ତେବେ ଗତ ୨୩ ତାରିଖରେ ହାତୀ କଙ୍କାଳ ଜବତ ହେବା ପରେ ହାତୀ ଶିକାର ଘଟଣା ପଦାକୁ ଆସିଥିଲା।



ଜବତ ହୋଇଥିବା ହାତୀ କଙ୍କାଳ।

- ସାତକୋଶିଆରୁ ହାତୀ କଙ୍କାଳ ଜବତ ଘଟଣା

ମୃତହାତୀର ଆନୁମାନିକ ବୟସ ୧୫ବର୍ଷ ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଶିକାରୀମାନେ ହାତୀ ଶିକାର କରିଥିବା ବନ ବିଭାଗ ଆଗରେ ସ୍ୱୀକାର କରିଛନ୍ତି। ସାତକୋଶିଆ ପ୍ରାଣୀ ଚିକିତ୍ସକ କିଶୋର କୁମାର ସାହୁ, ନରସିଂହପୁର ପ୍ରାଣୀ ଚିକିତ୍ସକ ହାତୀ କଙ୍କାଳରୁ ନମୁନା ସଂଗ୍ରହ କରି ଫରେନ୍‌ସିକ୍ ଲାବୋରେଟୋରିକୁ ପଠାଇଛନ୍ତି। ଡିଏଫ୍‌ଓ, ଏସ୍‌ଏଫ୍ ଶୁଭେନ୍ଦୁ ବେହେରା ବନ କର୍ମଚାରୀଙ୍କ ସହିତ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ କରିଛନ୍ତି।

### ପନିକି ଚୋଟରେ ଝିଅ ଗୁରୁତର ଘଟଣା: ଅଭିଯୁକ୍ତ ବାପା ଗିରଫ

**ଅନୁଗୋଳ ଅଫିସ,୨୫।୬:**

ଅନୁଗୋଳ ଜିଲା ଆଠମଲ୍ଲିକ ଥାନା ଟାପଡୋଲ ଗ୍ରାମରେ ଶୁକ୍ରବାର ବାପା ମୁନା ନାଏକଙ୍କ ପନିକି ଚୋଟରେ ଝିଅ ସୁଇଟି (୫) ଗୁରୁତର ହୋଇଥିଲେ। ଏହି ଘଟଣାରେ ଶନିବାର ଅଭିଯୁକ୍ତ ମୁନାଙ୍କୁ ଅନୁଗୋଳ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ଟାପଡୋଲ ଗ୍ରାମର ମୁନା ଏବଂ ତାଙ୍କ ସ୍ତ୍ରୀ ଲିଲି ନାଏକଙ୍କ ମଧ୍ୟରେ ବଚସା ହୋଇଥିଲା। ମୁନା ଉତ୍କ୍ଷିପ୍ତ ହୋଇ ନିକଟରେ ପଡିଥିବା ଏକ ପନିକିରେ ଆକ୍ରମଣ କରିବାକୁ ଯାଉଥିଲେ। ମା' କାନ୍ଦୁଥିବା ଦେଖି ଝିଅ ସୁଇଟି ଦୌଡ଼ି ଆସିବାରୁ ମୁଣ୍ଡରେ ପନିକି ଚୋଟ ବାଜିଥିଲା। ଫଳରେ ସୁଇଟି ଗୁରୁତର ହୋଇଥିଲେ। ଲିଲିଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୩୪୯/୨୨ରେ ମାମଲା ରୁଜୁ କରିଛି।

# ବିଜେଡିରେ ମିଶିଲେ ୨୫ରୁ ଉର୍ଦ୍ଧ୍ୱ ଯୁବକ



ବୈଠକରେ ଉପସ୍ଥିତ ଏମ୍‌ପିଙ୍କ ସମେତ ଅନ୍ୟମାନେ।

**କଣିହାଁ,୨୫।୬(ଡି.ଏନ.ଏ)**

କଣିହାଁ ବ୍ଲକ ପବିତ୍ରନଗର ଅଞ୍ଚଳକୁ ଶନିବାର ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଗସ୍ତ କରିଥିଲେ। ଏହି ଅବସରରେ ବିଜେଡି ଯୁବନେତା ତଥା ବୀରୁ ପଞ୍ଚାୟତ ସମିତି ସଦସ୍ୟ ଶ୍ୟାମସୁନ୍ଦର ସାହୁଙ୍କ ନେତୃତ୍ୱରେ ଗହମ ଗ୍ରାମସ୍ଥିତ ନିତାଇ ଗୌର ଆଶ୍ରମରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଏମ୍‌ପି ସାହୁ ଯୋଗଦେଇ ପବିତ୍ରନଗର ଅଞ୍ଚଳବାସୀଙ୍କ ସମସ୍ୟା ପଚାରି ବୁଝିବା ସହ କିପରି ସମସ୍ୟାର ସମାଧାନ ହେବ ସେ ନେଇ ଆଲୋଚନା କରିଥିଲେ। ଏହି ଅବସରରେ ବିଜୁ ଜନତା ଦଳର ଆଦର୍ଶରେ ଅନୁପ୍ରାଣିତ ହୋଇ ୨୫ରୁ ଊର୍ଦ୍ଧ୍ୱ ଯୁବକ ବିଜେଡିରେ ସାମିଲ ହୋଇଥିଲେ। ସମସ୍ତଙ୍କୁ ଏମ୍‌ପି ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିବାସହ ତୃଣମୂଳସ୍ତରରୁ ସଙ୍ଗଠନକୁ ମଜଭୁତ କରିବା ପାଇଁ ଆହ୍ୱାନ କରିଥିଲେ। ପ୍ରତି ପଞ୍ଚାୟତରେ ସଂଗ୍ରାମ ସଂଯୋଜକ ଓ ସମ୍ପର୍କ ସଂଯୋଜକ ମନୋନୀତ ହେବେ। ଲୋକଙ୍କ ସମସ୍ୟାକୁ ନେଇ ସରକାରୀସ୍ତରରେ ପହଞ୍ଚାଇବା ସଙ୍ଗଠନର ଲକ୍ଷ୍ୟ ରହିବ ବୋଲି ସୁନୀଲ ପ୍ରଧାନ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଦଳୀୟ ସଂଗଠକ ପ୍ରଦୀପ କୁମାର ସାହୁ, ନିଲୁ ସାହୁ, ସାମାଜିକ କର୍ମୀ ଭକ୍ତବନ୍ଧୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# କଂସମୁଣ୍ଡା କ୍ଷତିଗ୍ରସ୍ତଙ୍କ ଧାରଣା ଜାରି

**କଣିହା,୨୫।୬(ଡି.ଏନ.ଏ)**

ତାଳଚେର ଉପଖଣ୍ଡ କଣିହାଁ ବ୍ଲକ କଂସମୁଣ୍ଡା ଗ୍ରାମର କୋଇଲା ଖଣି କ୍ଷତିଗ୍ରସ୍ତ ପ୍ରଜାଙ୍କୁ ନେଇ ଚାଲିଥିବା ଧାରଣା ଶନିବାର ୬ଷ୍ଠ ଦିନରେ ପହଞ୍ଚିଛି। କଂସାମୁଣ୍ଡା ଗ୍ରାମର ସମସ୍ତ ଜମି, ଘର, ଏମ୍‌ସିଏଲ ଦ୍ୱାରା ଅଧିକୃତ ହୋଇସାରିଛି। ଦୀର୍ଘବର୍ଷ ହେବ ଅଧିଗ୍ରହଣ ପରେ ମଧ କ୍ଷତିଗ୍ରସ୍ତ ପ୍ରଜାଙ୍କ ସମସ୍ୟା ସମାଧାନ ହୋଇପାରିନାହିଁ। ଚାକିରି ତାଲିକା ପ୍ରକାଶ ପାଇଁ ଧାରଣାସ୍ଥଳରେ ଭାଜପା ରାଜ୍ୟ ସମ୍ପାଦକ କାଳିନ୍ଦୀ ସାମଲ ପହଞ୍ଚି କ୍ଷତିଗ୍ରସ୍ତଙ୍କ ସହ ଆଲୋଚନା କରିଛନ୍ତି। ଧାରଣା ଷଷ୍ଠ ଦିନରେ ପହଞ୍ଚି ଥିବାବେଳେ ଜିଲା ପ୍ରଶାସନ ପକ୍ଷରୁ କୌଣସି ଅଧିକାରୀ ଘଟଣା ସ୍ଥଳକୁ ନ ଆସିବା ଦୁର୍ଭାଗ୍ୟର ବିଷୟ। ଜିଲା ପ୍ରଶାସନ କଂସମୁଣ୍ଡା କ୍ଷତିଗ୍ରସ୍ତଙ୍କ ପ୍ରତି ନିର୍ଦ୍ଦୟ ନ ହୋଇ ଖଣି କର୍ତ୍ତୃପକ୍ଷଙ୍କ ମିଶି ସମସ୍ୟାର ସମାଧାନ ପାଇଁ ଶୀଘ୍ର ପଦକ୍ଷେପ ନେବାକୁ ସାମଲ ଦାବି କରିଛନ୍ତି। ଏହି ଧାରଣା ସ୍ଥଳକୁ କଣିହାଁ ଜିଏମ୍ କେ.କେ ରାଉଳଙ୍କୁ ଡକାଇ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାଳଚେର ଭାଜପା ମିଡିଆ ସେଲ ସଂଯୋଜକ ସୁଶାନ୍ତ ସାମଲ, ପ୍ରାକ୍ତନ ସମିତି ସଦସ୍ୟ ଦେବେନ୍ଦ୍ର ବାରିକ, ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।



କ୍ଷତିଗ୍ରସ୍ତ ପ୍ରଜାଙ୍କ ସହ କାଳିନ୍ଦୀ ସାମଲ ଧାରଣାରେ ବସିଛନ୍ତି।

# ଅଷ୍ଟ୍ରିଆରେ ପ୍ରଶଂସା ସାଉଁଟିଲା ନୃତ୍ୟନିଳୟ



ଅନୁଷ୍ଠାନର କଳାକାରମାନେ ଦଳଗତ ନୃତ୍ୟ ପ୍ରଦର୍ଶନ କରୁଛନ୍ତି ।

**ଅନୁଗୋଳ ଅଫିସ୍, ୨୫।୬**

ଅଷ୍ଟ୍ରିଆର ରାଜଧାନୀ ଭିଏନାରେ ଚମକିଛନ୍ତି ଅନୁଗୋଳର ନୃତ୍ୟାନୁଷ୍ଠାନ 'ନୃତ୍ୟନିଳୟ'ର କଳାକାର। ଖ୍ୟାତନାମା ଓଡ଼ିଶୀ ନୃତ୍ୟାଙ୍ଗନା ଗୁରୁ ସ୍ୱପ୍ନାରାଣୀ ସିହ୍ନାଙ୍କ ନେତୃତ୍ୱରେ ଅନୁଷ୍ଠାନର ନୃତ୍ୟଶିଳ୍ପୀମାନେ ଉଭୟ ଓଡ଼ିଶୀ ଏବଂ ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶନ କରି ସାଉଁଟିଛନ୍ତି ଅଜସ୍ର ପ୍ରଶଂସା।

'ଆଜାଦୀ କି ଅମୃତ ମହୋତ୍ସବ' ଉପଲକ୍ଷେ ଅଷ୍ଟ୍ରିଆସ୍ଥିତ ଭାରତୀୟ ଦୂତାବାସର ଆମନ୍ତ୍ରଣକ୍ରମେ ଭାରତ ସରକାରଙ୍କ ଇଣ୍ଡିଆନ କାଉନ୍‌ସିଲ୍ ଫର୍ କଲଚରାଲ ରିଲେସନ୍‌ସ୍ (ଆଇସିସିଆର୍) ସହଯୋଗରେ ଭି.ଏଚ୍.ଏସ୍ ମାରିଆ ହିଲଫ୍ ହଲ୍‌ରେ ଜୁନ୍ ୨୦ରୁ ୨୨ ଯାଏ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱପ୍ନାରାଣୀଙ୍କ ନେତୃତ୍ୱରେ ନୃତ୍ୟନିଳୟର କଳାକାରମାନେ ଅଗ୍ନିସ୍ତୁତି, ତ୍ରିବେଣୀ ସଙ୍ଗମ, ଦଶମହାବିଦ୍ୟା ଭଳି ଦଳଗତ ଓଡ଼ିଶୀ ନୃତ୍ୟ ସହିତ ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ସେହିପରି ଭାରତୀୟ ଦୂତାବାସ କନ୍‌ଫରେନ୍ସ ହଲ୍‌ରେ ସ୍ୱପ୍ନାରାଣୀଙ୍କ ଏକକ ଓଡ଼ିଶୀ ନୃତ୍ୟ ଘନଘନ ବଂଶୀସ୍ୱନ, ନବରସ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହି ଉପଲକ୍ଷେ ଜୁନ୍ ୨୨ରେ ଓଡ଼ିଶୀ ନୃତ୍ୟ ସମ୍ପର୍କିତ ସେମିନାର ଅନୁଷ୍ଠିତ ହୋଇଥିଲା। ଓଡ଼ିଶୀ ନୃତ୍ୟର ମୌଳିକତା, ବିଶେଷତ୍ୱ ଉପରେ ଗୁରୁ ସ୍ୱପ୍ନାରାଣୀ ଆଲୋଚନା କରିଥିଲେ। ନୃତ୍ୟନିଳୟର ଅଙ୍କିତା ରଥ, ଅନିଷା ସିହ୍ନା, ଅସ୍ମିତା ସିହ୍ନା, ପିନାକୀ ଦାସ, ତମନ୍ନା ପାତ୍ର, ଦୀପ୍ତିମୟୀ ସାହୁ, ସୋନାଙ୍କି ଦାସ, ଯଶୋବନ୍ତୀ ସାମଲ, ରତିରଞ୍ଜନ ଅମାନ୍ତ ପ୍ରମୁଖ ଅଷ୍ଟ୍ରିଆ ଗସ୍ତ କରିଥିଲେ।



ଓଡ଼ିଶୀ ନୃତ୍ୟଗୁରୁ ସ୍ୱପ୍ନାରାଣୀ ସିହ୍ନାଙ୍କୁ ସମ୍ମାନିତ କରାଯାଉଛି।

